The Odisha Gazette

EXTRAORDINARY
PUBLISHED BY AUTHORITY

No. 854, CUTTACK, MONDAY, MAY 1, 2017/ BAISAKHA 11, 1939

### ସମବାୟ ବିଭାଗ

### ଅଧିସୂଚନା

ତାରିଖ ୧ ମଇ, ୨୦୧୭

**S.R.O. No.199**/2017— ଓଡ଼ିଶା କୃଷିଜାତ ଦ୍ରବ୍ୟ ବଜାର ଅଧିନିୟମ, 1956 (1957 ର ଓଡ଼ିଶା ଅଧିନିୟମ 3) ର ଧାରା 4 ର ଉପଧାରା (7) ଦ୍ଵାରା ଅର୍ପିତ କ୍ଷମତାର ପ୍ରୟୋଗ କ୍ରମେ ରାଜ୍ୟ ସରକାର ରାଜ୍ୟର ଚାଷୀମାନଙ୍କ ହିତପାଇଁ ଏହାର ଆବଶ୍ୟକତା ଥିବା ବିଷୟରେ ସନ୍ତୁଷ୍ଟ ହୋଇ ଏତଦ୍ଵାରା ରାଜ୍ୟରେ ଥିବା ସମସ୍ତ ନିୟନ୍ତ୍ରିତ ବଜାର କମିଟି (ଆର.ଏମ୍.ସି) ମାନଙ୍କର ବଜାର ଅଞ୍ଚଳ ସଂପର୍କରେ କୃଷିଜାତ ଦ୍ରବ୍ୟ ଯଥା, ଚିନାବାଦାମ (ଚୋପା ସହିତ) ଓ ମୁଗ (ଗ୍ରୀନ ଗ୍ରାମ) ଯାହା ରାଜ୍ୟ ସରକାରଙ୍କ ଦ୍ଵାରା ଉକ୍ତ ଅଧିନିୟମର ଧାରା 4 ର ଉପଧାରା (1) ଅନୁଯାୟୀ ସେ ରୂପେ କୃଷିଜାତ ଦ୍ରବ୍ୟ ଭାବେ ବିନିର୍ଦ୍ଦିଷ୍ଟ କରାଯାଇଛି, ସେହି କୃଷିଜାତ ଦ୍ରବ୍ୟକୁ ମୂଲ୍ୟ ସହାୟକ (ପି.ଏସ୍.ଏସ୍) ଯୋଜନା ପ୍ରବର୍ତ୍ତନ ମାଧ୍ୟମରେ ସଂଗ୍ରହ କରାଯାଉଥିବା ଅବଧି ତା. 30 ଅପ୍ରେଲ, 2017 ଠାରୁ ତା. 15 ଜୁଲାଇ, 2017 ପର୍ଯ୍ୟନ୍ତ ଅଧିସୂଚନାରୁ ବାଦ୍ ଦେବା ପାଇଁ ଘୋଷଣା କରୁଅଛନ୍ତି ।

[ସଂଖ୍ୟା-3821–Agm-Misc.-3/2017/ ସମବାୟ]

ରାଜ୍ୟପାଳଙ୍କ ଆଦେଶକ୍ରମେ

ମନୋଜ ଆହୁଜା
ପ୍ରମୁଖ ଶାସନ ସଚିବ

Printed and published by the Director, Printing, Stationery and Publication, Odisha, Cuttack-10
Ex. Gaz. 182-173+10